# Akashvani, Sambalpur

## SAMBALPURI NEWS BULLETIN

### 15 December 2024- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ- ସମ୍ବଲପୁର ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍‌ପୁର୍ ଆସୁଛନ୍ । ଆଏଜ୍ ଦିନ୍‌ଯାକ ସମ୍ବଲ୍‌ପୁର୍ ନ ଦୁହେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ବୁର୍ଲା ସର୍‌କାରୀ ହାଇସ୍କୁଲ୍‌ର ପ୍ଲାଟିନମ୍ ଜୁବୁଲି ସମାରୋହ, ମନ୍ଦଲିଆ ପଡ଼ିଆ ନ ଜିଲ୍ଲା ପ୍ରଶାସନ୍ ଆୟୋଜିତ୍ ଭୀମଭୋଇ ସାମର୍ଥ୍ୟ ଶିବିର, କ୍ଷେତ୍‌ରାଜ୍‌ପୁର୍ ଦୁର୍ଗାମଙ୍ଗଲମ୍ ନ ମାର୍‌ୱାଡ଼ି ଯୁବା ମଂଚ୍ ତର୍‌ଫୁ ଆୟୋଜିତ ରକ୍ତଦାନ୍ ଶିବିର, ଆର୍ ସିନ୍ଦୁର୍‌ପଙ୍କ୍ ଡାକ୍ତର୍ ଜନାର୍ଦ୍ଦନ୍ ପୂଜାରୀ ହାଇସ୍କୁଲ୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆର୍ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଖରିଫ୍ ଋତୁର୍ ଧାନ୍ ଘିନା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଚଲ୍‌ତି ଖରିଫ୍ ଋତୁର୍ ଧାନ୍ ଘିନା ଚାଲିଥିବାର୍ ବେଲେ ଅଲ୍‌ଗା ରାଜ୍ୟର୍ ଧାନ୍ ଆସିକରି ଯେନ୍ତା ରାଏଜେ ବିକ୍ରି ନାଇଁ ହୁଏ ସେଟା ରୁକ୍‌ବାର୍‌କେ ସର୍‌କାର୍ କଡ଼ା ପଦକ୍ଷେପ୍ ନେଇଛନ୍ । ଏଛେନ୍ ବର୍‌ଗଡ୍, ସମ୍ବଲ୍‌ପୁର୍, ନୂଆପଡ଼ା, ବଲାଙ୍ଗିର୍, କଲାହାଣ୍ଡି, ସୁବର୍ଣ୍ଣପୁର୍, ଝାର୍‌ସୁଗୁଡ଼ା, ନବରଙ୍ଗ୍‌ପୁର୍ ଆର୍ କୋରାପୁଟ୍ ଜିଲ୍ଲା ନ ଧାନ୍ ଘିନା ଚାଲିଥିବାର୍ ବେଲେ ଅଲ୍‌ଗା ରାଜ୍ୟକେ ଲାଗିଥିବା ହେ ଜିଲ୍ଲାମାନ୍‌କର୍ ସୀମ୍‌ନା ନ ଏନ୍‌ଫୋର୍ସମେଂଟ୍ ଟିମ୍‌ଙ୍କୁ କାମ୍‌ଥି ଲଗାଯାଇଛେ । ଶହେ ୨୦ ଝନ୍ ଅଧିକାରୀ ଆର୍ କର୍ମଚାରୀଙ୍କୁ ନେଇକରି ୪୦ ଟା ଏନ୍‌ଫୋର୍ସମେଂଟ୍ ଟିମ୍ ଭିନ୍ ଭିନ୍ ସୀମ୍‌ନା ଜାଗା ନ ଅଲ୍‌ଗା ରାଜ୍ୟର୍ ଧାନ୍ ଯେନ୍ତା ନାଇଁ ଆସିପାର୍‌ବା, ତାର୍ ଉପ୍‌ରେ କଡ଼ା ନଜର୍ ରଖିଛନ୍ ବଲି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ଜନଅଭିଯୋଗ୍ ଶୁଣାଣି ସିଏମ୍‌ଓ

ଭୁବ୍‌ନେଶ୍ୱର୍ ୟୁନିଟ୍ -୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ଠାନେ ଆଏବା କାଏଲ୍ ସୋମ୍‌ବାର୍ ଦିନ

ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ହେବା । ଆଘୋନୁ ଗଲା ଅକ୍ଟୋବର୍ ମାସ ୨୮ ତାରିଖ୍ଥି ଯେନ୍ମାନେ ଅଭିଯୋଗ୍ କର୍ବାର୍ ଲାଗି ପଞ୍ଜିକରଣ୍ କରିଥିଲେ ଖାଲି ସେମାନ୍କର୍ ଶୁଣାଣି ହେବା ।  ଇଥିର୍ଲାଗି ଫେରଘାଏ ପଞ୍ଜିକରଣ୍ କର୍ବାର୍କେ ନାଇଁ ପଡ଼େ । ଇ ବାବ୍ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଶକ୍ତି ସଂରକ୍ଷଣ୍- ଉପମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ /ସମ୍ବଲପୁର

ପୁର୍ଥିର୍ ତାତି କମାବାର୍ଥି ଶକ୍ତି ସଂରକ୍ଷଣ୍ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଆଏ ବଲି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଜାତୀୟ ଶକ୍ତି ସଂରକ୍ଷଣ୍ ଦିବସ୍ ଅବ୍ସରେ ଗଲାକାଏଲ୍ ଭୁବ୍ନେଶ୍ୱର୍ ଲୋକସେବା ଭବନ୍ର କନ୍ଭେନ୍ସନ୍ ସେଂଟର୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ସମାରୋହଥି ସେ କହିଛନ୍ ଯେ, ଶକ୍ତି ସଂରକ୍ଷଣ୍ ଲାଗି ଆମର୍ ପଦକ୍ଷେପ୍ ଖାଲି ସଭା ସମିତି ଚାର୍ହିକାନ୍ଥି ଭିତ୍ରେ ନାଇଁ ରହିକରି ସବୁଦିନେ ଜୀବନ୍ଥି ଉତ୍ରିବାର୍ ଦର୍କାର୍ । ବିକଶିତ୍ ଭାରତ୍ ଆର୍

ବିକଶିତ୍ ଓଡ଼ିଶା ଲାଗି ଆମ୍‌କୁ ଶକ୍ତି ସଂଚୟ ଦିଗେ ପଦକ୍ଷେପ୍ ନେବାର୍‌କେ ପଡ଼୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ । ସମାରୋହଥି ଶକ୍ତି ସଂରକ୍ଷଣ୍ ବାବ୍‌ଦେ ୭ କ୍ଲାସ୍‌ନୁ ୧୦ କ୍ଲାସ୍‌ତକ୍ ଛାତ୍ରୀଛାତ୍ରୀମାନ୍‌କର୍ ଭିତ୍‌ରେ ହେଇଥିବା ରାଜ୍ୟସ୍ତରୀୟ କ୍ୱିଜ୍ ପ୍ରତିଯୋଗିତାର୍ କୃତି ପ୍ରତିଯୋଗୀ ଆଉ ଶକ୍ତି ସଂରକ୍ଷଣ୍ ଦିଗେ ଭଲ୍ କାମ୍ କରିଥିବା ଶିକ୍ଷାନୁଷ୍ଠାନ୍‌ମାନ୍‌କୁ ପୁରସ୍କୃତ କରାଯାଇଥିଲା ।

ରାଜ୍ୟସ୍ତରୀୟ ଯୁବ ବିଜ୍ଞାନ ମେଳା ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ରାଜ୍ୟସ୍ତରୀୟ ଯୁବବିଜ୍ଞାନ ମେଳା ଗଲାକାଏଲ୍ ହେଇଯାଇଛେ । ହେଥି କଲେଜ୍ ଆର ବିଶ୍ୱବିଦ୍ୟାଳୟସ୍ତରୀୟ ବରିଷ୍ଠ ବିଭାଗ୍‌ଥି ୩୯ ଟା ଆର୍ ବିଦ୍ୟାଳୟ ସ୍ତରୀୟ କନିଷ୍ଠ ବିଭାଗ୍‌ଥି ୧୯ ଟା ପ୍ରକଳ୍ପ ପ୍ରଦର୍ଶିତ୍ ହେଇଥିଲା । ରାଜ୍ୟର୍ ୨୦ ଟା ଜିଲ୍ଲାର୍ ପାଖାପାଖି ଶହେ ଝନ୍ ଛାତ୍ରଛାତ୍ରୀ ଇଥି ଭାଗ୍ ନେଇଥିଲେ । ବିଜ୍ଞାନ୍ ଆଉ କାରିଗରିମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଯୁଆନ୍ ପିଢ଼ି ନୂଆଁ ଗବେଷଣା ଉପ୍‌ରେ ଧ୍ୟାନ୍ ଦେବାର୍‌କେ ପରାମର୍ଶ

ଦେବାର୍ ସଙ୍ଗେ ବିଜ୍ଞାନ୍ ମେଳାଥି ପ୍ରଦର୍ଶିତ୍ ପ୍ରକଳ୍ପ ମାନ୍‌କର୍ କୃତି ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ କରିଥିଲେ ।

ନୀଳମଣି ବିଦ୍ୟାରତ୍ନ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲପୁର ହିତୈଷିଣୀ ପତ୍ରିକାର୍ ସମ୍ପାଦକ୍ ନୀଳମଣି ବିଦ୍ୟାରତ୍ନଙ୍କର୍ ରାଜ୍ୟସ୍ତରୀୟ ସମାରୋହ ଗଲାକାଏଲ୍ ଭୁବନେଶ୍ୱର୍ ଜୟଦେବ ଭବନ୍ ନ ହେଇଯାଇଛେ । ହେଥି ଛତିଶ୍‌ଗଡ୍‌ର ଆଘର୍ ରାଜ୍ୟପାଲ୍ ବିଶ୍ୱଭୂଷଣ୍ ହରିଚନ୍ଦନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ୍ ଗଠନ୍ ଆର୍ ଓଡ଼ିଆ ସ୍ୱାଭିମାନ୍‌ର ସୁରକ୍ଷା ଦିଗେ ନୀଳମଣି ବିଦ୍ୟାରତ୍ନଙ୍କର୍ ଅବଦାନ୍ ବାବ୍‌ଦେ କହିଥିଲେ ।

ଯୁବ ଉତ୍ସବ ହି.ସ.

ବଲାଙ୍ଗିର୍ ଜିଲ୍ଲାସ୍ତରୀୟ ଜାତୀୟ ଯୁବ ଉତ୍ସବ୍ ବଲାଙ୍ଗିର୍ ଟାଉନ୍ ବାଳିକା ହାଇସ୍କୁଲ୍ ନ ହେଇଯାଇଛେ । ହେଥି ଜିଲ୍ଲାର୍ ଭିନ୍ ଭିନ୍ ଇଲାକାର୍ ଯୁଆନ୍ ପିଲା ଟୁକେଲ୍ ଯୋଗ୍ ଦେଇକରି କବିତା ଆର୍

ଗଳ୍ପ ଲିଖନ, ବକ୍ତୃତା, ଚିତ୍ରକଳା, ଏକକ ଆର୍ ଦଲଗତ ଲୋକନୃତ୍ୟ, ଲୋକଗୀତ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ ।

କୃଷି ଋଣ ସୀମା ବୃଦ୍ଧି ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତୀୟ ରିଜର୍ଭ ବେଙ୍କ୍ ବିନା ବନ୍ଧକ୍‌ଥି କୃଷି ଋଣ ସୀମାକେ ୨ ଲାଖ୍ ଟଙ୍କାକେ ବଢ଼େଇଛନ୍ । ଏଛେନ୍ ବିନା ବନ୍ଧକ୍‌ଥି କୃଷି ଋଣ ସୀମା ଲାଖେ ୬୦ ହଜାର୍ ଟଙ୍କା ଥିବାର୍ ବେଲେ ଆଏବା ମାସର୍ ୧ ତାରିଖ୍‌ନୁ ବଢ଼୍‌ତି ସୀମା ଲାଗୁ ହେବା ବଲି କୁହାଯାଇଛେ । କୃଷି ଆର୍ କୃଷକ୍ କଲ୍ୟାଣ୍ ମନ୍ତ୍ରଣାଳୟ ତର୍‌ଫୁ ଇ ବାବ୍‌ଦେ ସୂଚ୍‌ନା ଦିଆଯାଇକରି କୁହାଯାଇଛେ ଯେ, ଚାଷୀମାନ୍‌କୁ ଅଏତ୍‌କା ଆର୍ଥିକ୍ ସୁବିଧା ଦେବାର୍ ଲାଗି ରିଜର୍ଭ ବେଙ୍କ୍ ଇ ନିଷ୍ପତି ନେଇଛେ । ଇତାର୍‌ସଙ୍ଗେ ଚାଷୀମାନ୍‌କୁ ଋଣ ଦେବାର୍‌ଟା ଅଏତ୍‌କା ବ୍ୟବସ୍ଥିତ୍ ହେଇପାର୍‌ବା ଆର୍ କିଷାନ୍ କ୍ରେଡ଼ିଟ୍ କାର୍ଡ୍ ଜରିଏ ଋଣ ପ୍ରକ୍ରିୟା ତ୍ୱରାନ୍ୱିତ ହେଇପାର୍‌ବା ।

ପିଏମ୍ କିଷାନ୍ ଯୋଜ୍‌ନା ଆର୍‌ଏନ୍‌ୟୁ /ସମ୍ବଲପୁର

ପିଏମ୍ କିଷାନ୍ ଯୋଜ୍‌ନାର୍ ସ୍ୱତନ୍ତ୍ର ଅଭିଯାନ୍‌ର ସମିଆକେ ଆଏବା ୩୧ ତାରିଖ୍‌ତକ୍ ବଢ଼ାଯାଇଛେ । ଗାଁ ଆର୍ ସହର୍

ଇଲାକାର୍ ସବୁ ବର୍ଗର୍ ଚାଷୀଙ୍କୁ ଇ ପ୍ରକ୍ରିୟାଥି ସାମିଲ୍ କରାଯାଉଛେ । ପିଏମ୍ କିଷାନ୍ ଯୋଜ୍‌ନାଥି ପଞ୍ଜିକୃତ ହେଇକରି ଭିଲ୍ ସହାୟତା ରାଶି ନାଇଁ ପାଇପାରୁଥିବା ହିତାଧିକାରୀମାନ୍‌କୁ ନିଜର୍ ବେଙ୍କ୍ ଏକାଉଂଟ୍ ସଙ୍ଗେ ଏନ୍‌ପିସିଆଇ ଅଧୀନ୍‌ଥି ଆଧାର୍ ଲିଙ୍କ୍, ଜମିଜମା ବାବଦ୍ କୃଷକ୍ ଓଡ଼ିଶା ପୋର୍ଟାଲ୍‌ଥି ଅପ୍‌ଡେଟ୍ ଆଉ ପିଏମ୍ କିଷାନ୍. ଡଟ୍ ଜିଓଭି ଡଟ୍ ଇନ୍ ପୋର୍ଟାଲ୍‌ଥି ଇ-କେଓ୍ୱାଇସି ପୁରା କର୍‌ବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଅନୁରୋଧ୍ କରାଯାଇଛେ । ହେଲ୍ପ ଲାଇନ୍ ନମ୍ବର୍ ୧୫୫-୩୩୩ ନୁ ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ମିଲିପାରୁଛେ ।